# ଶୀର୍ଷରେ ପହଞ୍ଚିବା ପାଇଁ ପ୍ରବଳ ଇଚ୍ଛାଶକ୍ତି ଜରୁରି: ଡାକ୍ତର ପଣ୍ଡା

ପ୍ରବଳ ଇଚ୍ଛାଶକ୍ତି, ନିର୍ଦ୍ଦିଷ୍ଟ ଯୋଜନା ଏବଂ କଠିନ ଅଧ୍ୟବସାୟ ଦ୍ୱାରା ଓଡ଼ିଆ ଜାତି ଶୀର୍ଷରେ ପହଞ୍ଚି ପାରିବ ବୋଲି ବିଶିଷ୍ଟ ହୃଦରୋଗ ବିଶେଷଜ୍ଞ ପଦ୍ମଭୂଷଣ ଡ଼ାକ୍ତର ରମାକାନ୍ତ ପଣ୍ଡା କହିଛନ୍ତି । ଆଜି ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ତଥା ବକ୍ତୃତାମାଳାରେ ମୂଖ୍ୟ ଅତିଥି ଭାବେ ଯୋଗଦେଇ ଡା.ପଣ୍ଡା କହିଲେ ଯେ ସଫଳତାର ଶୀର୍ଷରେ ପହଞ୍ଚିବାକୁ ହେଲେ ମୂଳଦୁଆ ଟାଣ ହେବା ସହିତ ମନୋବଳ,ସ୍ୱପ୍ନ ଓ ଯୋଜନା ସହିତ ଦଳଗତ ଉଦ୍ୟମ ନିହାତି ଆବଶ୍ୟକ ।

'ଆମ ଓଡ଼ିଶା'ର ଅଧ୍ୟକ୍ଷ ସୌମ୍ୟରଂଜନ ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବକ୍ତୃତା ମାଳାରେ ଡା.ପଣ୍ଡା କହିଲେ ଯେ ହାଇଦ୍ରାବାଦ ଠାରେ ଏକ ବିଶ୍ୱସ୍ତରୀୟ ଡ଼ାକ୍ତରଖାନା ପ୍ରତିଷ୍ଠା ସମୟରେ ଆଉ ଜଣେ ସହଯୋଗୀ ଡାକ୍ତର ତାଙ୍କ ଭିତରେ ଓଡ଼ିଆ ଅସ୍ମିତାର ନିଆଁ ଜାଳି ଦେଇଥିଲେ । ଚିକିତ୍ସା ବିଜ୍ଞାନ ସହିତ ପ୍ରତ୍ନତତ୍ତ୍ୱରେ ରୁଚି ରଖୁଥିବା ଡାକ୍ତର ରାଜା ରେଡ୍‌ଡ଼ି ଦିନେ ରାତ୍ରୀ ଭୋଜନ ସମୟରେ ପ୍ରଶ୍ନ କରିଥିଲେ ଯେ ଏକ ସମୟରେ ଓଡ଼ିଆମାନେ ଗଙ୍ଗା ଠାରୁ ଗୋଦାବରୀ ପର୍ଯ୍ୟନ୍ତ ରାଜୁତି କରୁଥିବାର ପ୍ରତ୍ନତାତ୍ତ୍ୱିକ ପ୍ରମାଣ ମିଳୁଛି । ଏବେ ସେହି ଓଡ଼ିଆମାନେ ଗଲେ କୁଆଡେ ? ଏହି ପ୍ରସଙ୍ଗରେ ଡ଼ା.ପଣ୍ଡା କହିଲେ ଯେ ପ୍ରକୃତପକ୍ଷେ ଶହଶହ ବର୍ଷ ପୂର୍ବ ଓଡ଼ିଆମାନଙ୍କର ଜିନ୍ ଆମ ଭିତରେ ଆଜି ବି ରହିଛି । କିନ୍ତୁ ଆଜିର ଓଡ଼ିଆମାନଙ୍କ ମଧ୍ୟରେ ଆତ୍ମ ବିଶ୍ୱାସ ହ୍ରାସ ପାଇଛି। ସେମାନେ ଆଉ ପୂର୍ବ ପରି ସ୍ୱପ୍ନ ଦେଖିପାରୁ ନାହାଁନ୍ତି । ତେଣୁ ପରିକଳ୍ପନା, କଠିନ ପରିଶ୍ରମ ଓ ଏକାଠି ମିଳିମିଶି କାମ କରିବାର ମନୋବୃତି ପୁଣି ଜାଗ୍ରତ ହେଲେ ଓଡ଼ିଆ ଜାତି ପୁଣି ନିଜର ଶ୍ରେଷ୍ଠତ୍ୱ ପ୍ରତିପାଦିତ କରିପାରିବ ।

ଯାଜପୁର ଜିଲ୍ଲାର ଏକ ଅଖ୍ୟାତ ପଲ୍ଲୀ ଦାମୋଦର ପୁର ଗାରେ ଜନ୍ମିତ ଡା. ପଣ୍ଡା ପ୍ରୀତିପୁର ହାଇସ୍କୁଲରୁ ଶିକ୍ଷା ଆରମ୍ଭ କରି ବିଦେଶରେ ଉଚ୍ଚଶିକ୍ଷା ଓ ଚିକିତ୍ସା ସେବା ତଥା ପରେ ମୁମ୍ବାଇରେ ବିଶ୍ୱବିଖ୍ୟାତ ଏସିଆନ୍ ହାର୍ଟ ଇନଷ୍ଟିଚ୍ୟୁଟ୍ ପ୍ରତିଷ୍ଠା ପର୍ଯ୍ୟନ୍ତ ତାଙ୍କର ସଫଳ ଯାତ୍ରାର କାହାଣୀ ବର୍ଣ୍ଣନା କରିଥିଲେ। ପ୍ରତି କ୍ଷେତ୍ରରେ ଉଚିତ ସଂକଳ୍ପ ହିଁ ସଫଳତା ଆଣିଦିଏ ବୋଲି ଡାକ୍ତର ପଣ୍ଡା ନିଜ ଆଦ୍ୟ ଜୀବନର ଅନୁଭୂତି ବର୍ଣ୍ଣନା କରି କହିଥିଲେ ଯେ, ସେ ମଧ୍ୟ ଅନ୍ୟ ଚପଳ ଛାତ୍ରଙ୍କ ପରି ପ୍ରାଥମିକ ଶିକ୍ଷା ଓ ହାଇସ୍କୁଲ ଶିକ୍ଷା ବେଳେ ପାଠପଢାରେ ଅବହେଳା କରିବାକୁ ଚେଷ୍ଟା କରିଥିଲେ । ମାତ୍ର ମା'ଙ୍କ ଅନୁଶାସନ ଓ ପ୍ରଧାନଶିକ୍ଷକ ସତୀଶ ଚନ୍ଦ୍ର ଦାସଙ୍କ ଶୃଙ୍ଖଳା ତାଙ୍କୁ ଏପରି ଶିକ୍ଷା ଦେଇଥିଲା ଯେ ଭବିଷ୍ୟତରେ ସେ କୌଣସି କାର୍ଯ୍ୟକୁ ସାମାନ୍ୟ ଅବହେଳା କରିବାକୁ ସାହସ କରି ନଥିଲେ । ତାର ଫଳଶୃତି ହେଉଛି ତାଙ୍କର ଏ ସଫଳତା । ତେଣୁ ଜଣେ ଭଲ ଶିକ୍ଷକ ସହିତ ଅଭିଭାବକ ମାନଙ୍କ ଅନୁଶାସନ ଠିକ୍ ରହିଲେ ଜଣେ ଗ୍ରାମାଞ୍ଚଳରୁ ଓ ସରକାରୀ ବିଦ୍ୟାଳୟରୁ ଶିକ୍ଷା ଗ୍ରହଣ କଲେ ମଧ୍ୟ ସଫଳତାର ଶିଖରରେ ପହଞ୍ଚିବା ଅସମ୍ଭବ ନୁହେଁ ବୋଲି ଡା.ପଣ୍ଡା କହିଛନ୍ତି ।ଏସିଆନ୍ ହାର୍ଟ ଇଷ୍ଟିଚ୍ୟୁଟ୍ ପରି ଓଡ଼ିଶାରେ ଏକ ବିଶ୍ୱସ୍ତରୀୟ ହୃଦ୍ ରୋଗ ଚିକିତ୍ସା କେନ୍ଦ୍ର ପ୍ରତିଷ୍ଠା ପାଇଁ ସେ ଉଦ୍ୟମ ଆରମ୍ଭ କରିଛନ୍ତି । ଏହି ଡ଼ାକ୍ତରଖାନାରୁ ଯେଉଁ ଲାଭାଂଶ ମିଳିବ ତାହା ଓଡ଼ିଶାର ଗରିବ ଲୋକଙ୍କ ସ୍ୱାସ୍ଥ୍ୟ ଓ ଶିକ୍ଷା କ୍ଷେତ୍ରରେ ବିନିଯୋଗ କରାଯିବ ବୋଲି ଡ଼ା.ପଣ୍ଡା ପ୍ରତିଶୃତି ଦେଇଥିଲେ।

ଡା.ପଣ୍ଡା ଆହୁରି କହିଲେ ଯେ ଓଡ଼ିଶାରେ ସ୍ୱାସ୍ଥ୍ୟ ସଚେତନତା ବିଶେଷ ଜରୁରୀ । ବିଶେଷତଃ ହୃଦ୍ ରୋଗରୁ ଦୂରେଇ ରହିବା ପାଇଁ ନିଜ ଖାଦ୍ୟାଭାସ ବଦଳାଇବାକୁ ପଡ଼ିବ । ଏତଦବ୍ୟତୀତ ନିୟମିତ ବ୍ୟାୟାମ ,ତମାଖୁ ଓ ଧୂମପାନ ଠାରୁ ଦୁରେଇ ରହିବା ସହିତ ନିୟମିତ ବ୍ୟବଧାନରେ ସ୍ୱାସ୍ଥ୍ୟ ପରୀକ୍ଷା କରାଇଲେ ଏହି ରୋଗଠାରୁ ନିରାପଦ ଦୁରତ୍ୱରେ ରହି ହେବ। ଏହି ଅବସରରେ ସେଠାରେ ଉପସ୍ଥିତ ଡ଼.ପାଣିଗ୍ରାହୀ ଓ ଡ଼. ଗୌରହରି ଦାସ ପ୍ରମୁଖ ଡ଼. ପଣ୍ଡାଙ୍କୁ ବିଭିନ୍ନ ପ୍ରଶ୍ନ ପଚାରିଥିଲେ। ଡ଼. ପଣ୍ଡା ଏହି ସବୁ ପ୍ରଶ୍ନର ଉତ୍ତର ଦେଇ କହିଲେ ଯେ ଶିକ୍ଷା ପାଇଁ ଶିକ୍ଷାନୁଷ୍ଠାନ ନୁହେଁ, ଶିକ୍ଷକ ଓ ପିତାମାତା ହିଁ ଗୁରୁତ୍ୱପୂର୍ଣ୍ଣ ।ଏତଦବ୍ୟତୀତ ବାହାରେ ମିଳୁଥିବା ପାଟିସୁଆଦିଆ ଖାଦ୍ୟ ଅପେକ୍ଷା ଆମ ଓଡ଼ିଆ ଖାଦ୍ୟ ସ୍ୱାସ୍ଥ୍ୟ ପାଇଁ ବେଶ୍ ଉପକାରୀ ବୋଲି ଡ଼.ପଣ୍ଡା ମନ୍ତବ୍ୟ ଦେଇଥିଲେ।

ଉତ୍ସବରେ ଅଧ୍ୟକ୍ଷ୍ୟତା କରି ଶ୍ରୀ ସୌମ୍ୟରଂଜନ ପଟ୍ଟନାୟକ କହିଲେ ଯେ ଓଡ଼ିଆଜାତିକୁ  ବିଶ୍ୱସ୍ତରରେ ପ୍ରତିଷ୍ଠା କରିବା ପାଇଁ ମଧୁବାବୁ ସ୍ୱପ୍ନ ଦେଖିଥିଲେ । ଡ଼ାକ୍ତର ପଣ୍ଡା ଆମ ସମୟର ସଫଳ କାହାଣୀର ଜଣେ ନାୟକ ବୋଲି ସେ ବର୍ଣ୍ଣନା କରିଥିଲେ ।ଏକ ସାଧାରଣ ସ୍କୁଲରେ ପାଠ ପଢି ବିଶ୍ୱ ପ୍ରସିଦ୍ଧି ଲାଭ କରିଥିବା ଡ଼ା.ପଣ୍ଡାଙ୍କ ଜୀବନ ଯାତ୍ରାରୁ ସାଧାରଣ ପରିବାରର ପିଲାମାନେ  ମଧ୍ୟ ଅନୁପ୍ରାଣିତ ହୋଇପାରିବେ। ଏହି ଅବସରରେ ଶ୍ରୀ ପଟ୍ଟନାୟକ କହିଲେ ଯେ ୧୯୯୬ ମସିହାରେ ଆମ ଓଡ଼ିଶା ଭାଷା ସଂସ୍କୃତିର ପ୍ରଚାର ପ୍ରସାର  ପାଇଁ କାମ କରି ଆସୁଛି । ଏତଦବ୍ୟତୀତ  ରକ୍ତଦାନ ଓ ମତଦାନପାଇଁ ନୂତନପିଢ଼ୀ କୁ ଅନୁପ୍ରାଣିତ କରିବାକୁ ଉଦ୍ୟମ  ଜାରି ରଖିଛି । ଆସନ୍ତା ୨୦୧୫ ମସିହା ସୁଦ୍ଧା ଓଡ଼ିଶାକୁ  ସ୍ୱେଚ୍ଛାକୃତ ରକ୍ତଦାନ ଦ୍ୱାରା ଆତ୍ମନିର୍ଭରଶୀଳ କରିବାକୁ ଯୋଜନା କରାଯାଇଛି ବୋଲି ଶ୍ରୀ ପଟ୍ଟନାୟକ ସୂଚନା ଦେଇଥିଲେ । ଏହି ଅବସରରେ ଶ୍ରୀ ପଟ୍ଟନାୟକ ଡା.ପଣ୍ଡାଙ୍କୁ ଉପଢୌକନ ଦେଇ ସମ୍ବର୍ଧିତ କରିଥିଲେ ।

'ଆମ ଓଡ଼ିଶା'ର ସଂପାଦକ ସ୍ୱରାଜ ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ ଓ ଶେଷରେ ପ୍ରକାଶନ ବିଭାଗର ସଂପାଦକ ଅସିତ୍ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।